# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 September – 2026

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ପୁଞ୍ଜି ନିବେଶ ସଂପର୍କକୁ ସୁଦୃଢ଼ କରିବା ଉପରେ ସଂଯୁକ୍ତ ଆରବ ଏମିରେଟ୍ସର ଅନ୍ତର୍ଜାତୀୟ ବିନିଯୋଗ ପରିଷଦର ଅଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ନୂଆଖାଇ ପାଳନ ପୂର୍ବରୁ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚିଲା ସରିଆ ଧାନ
- 'ଆତ୍ମହତ୍ୟା ନେଇ ଚିନ୍ତାଧାରାରେ ପରିବର୍ତ୍ତନ' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

ଏବଂ

- ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

– କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ମୁଖ୍ୟମନ୍ତ୍ରୀ-ୟୁଏଇ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଯୁକ୍ତ ଆରବ ଏମିରେଟ୍ସ-ୟୁଏଇ ଗସ୍ତ ଅବସରରେ ଆଜି ୟୁଏଇ କ୍ୟାବିନେଟ୍ ସଦସ୍ୟ ତଥା ଅର୍ଥ ଓ ପର୍ଯ୍ୟଟନମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ବିନିଯୋଗ ପରିଷଦର ଅଧ୍ୟକ୍ଷ ଅବଦୁଲା ବିନ୍ ତୌକ ଅଲ୍ମାରୀଙ୍କ ସହ ବୈଠକ କରିଛନ୍ତି । ମୁଖ୍ୟମନ୍ତ୍ରୀ ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ଅର୍ଥନୈତିକ ଓ ପୁଞ୍ଜିନିବେଶ ସଂପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଛନ୍ତି । ଏଥିରେ ରାଜ୍ୟରେ ନୂତନ ପୁଞ୍ଜି ନିବେଶ ସୁଯୋଗ ଅନ୍ୱେଷଣ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶାର ଅନୁକୂଳ ବାଣିଜ୍ୟ ପରିବେଶ, ଦୃଢ଼ ଶିଳ୍ପନୀତି ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପୁଞ୍ଜି ନିବେଶ ସମ୍ଭାବନାକୁ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିବା ସହ ୟୁଏଇର ନିବେଶକମାନଙ୍କୁ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି । ପରବର୍ତ୍ତୀ ବୈଠକରେ ରାଜ୍ୟର ସମୃଦ୍ଧ ଆଲୁମିନିୟମ ଶିଳ୍ପ ପରିବେଶ ଏବଂ ଡାଉନ୍‌ଷ୍ଟ୍ରିମ୍ କ୍ଷେତ୍ରରେ ନିବେଶ ସୁଯୋଗ ଓ ଇଣ୍ଡିଆନ୍ ବିଜିନେସ୍ ଆଣ୍ଡ ପ୍ରଫେସନାଲ୍ କାଉନ୍‌ସିଲ୍ ସହ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି ।

ମୁଖ୍ୟମନ୍ତ୍ରୀ ଆଜି ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ ପରିଦର୍ଶନ କରିବେ । ବ୍ୟୁରୋ ଅଫ୍ ମିଡିଲ୍-ଇଷ୍ଟ୍ ରିସାଇକ୍ଲିଂ, ସର୍କୁଲାର ଇକୋନମି

ଏବଂ ସ୍ଥାୟୀ ଶିଳ୍ପ ବିକାଶର ସମ୍ଭାବନା ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି । ବ୍ୟବସାୟିକ ସୁଯୋଗ, ବଜାର ସଂଯୋଗ ଏବଂ ଓଡ଼ିଶା-ୟୁଏଇ ଅର୍ଥନୈତିକ ସଂପର୍କକୁ ମଜବୁତ କରିବା ପାଇଁ ଓଡ଼ିଶାର ବ୍ୟବସାୟୀ ପ୍ରତିନିଧି ଦଳ ସହ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମ ରହିଛି ।

ଆବୁଧାବିଠାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଭିନ୍ନ ଶିଳ୍ପପତିଙ୍କ ସହ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନେଇ ୨ ଲକ୍ଷ ୧୦ ହଜାର କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ପ୍ରାୟ ୯ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

## ବାଘାଯତୀନ ଶ୍ରାଦ୍ଧବାର୍ଷିକୀ

ସ୍ୱାଧୀନତା ସଂଗ୍ରାମୀ ବାଘା ଯତୀନଙ୍କ ଶ୍ରାଦ୍ଧବାର୍ଷିକୀରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଜ୍ୟପାଳ' ବାଘା ଯତୀନଙ୍କୁ ଜଣେ ମହାନ ବିପ୍ଳବୀ ଏବଂ ସ୍ୱାଧୀନତା ସଂଗ୍ରାମୀ ବର୍ଣ୍ଣନା କରିବା ସହ ତାଙ୍କର ଅଦମ୍ୟ ସାହସ, ତ୍ୟାଗ ଓ ବଳିଦାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଛନ୍ତି ।

ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଦେଶର ସ୍ୱାଧୀନତା ପାଇଁ ତାଙ୍କର ଅଦମ୍ୟ ସାହସ, ଅସୀମ ଦେଶପ୍ରେମ ଏବଂ ମହାନ ତ୍ୟାଗ ସର୍ବଦା ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ ।

## ଦିଶା ବୈଠକ

ଅନୁଗୁଳ ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ରୁଦ୍ରନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଡିଏମ୍ଏଫ୍ ପାଣ୍ଠିର ସଠିକ୍ ବିନିଯୋଗ ମାଧମରେ ଖଣି ଅଧ୍ୟୁଷିତ ଅଞ୍ଚଳର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଦକ୍ଷତା ବିକାଶ, ମହିଳା ଓ ଶିଶୁ କଲ୍ୟାଣ, କୃଷି, ଗମନାଗମନ, ଭିତ୍ତିଭୂମି ଏବଂ ସ୍ୱଚ୍ଛ ପରିବେଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକର ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇଛି । ଶ୍ରୀ ପ୍ରଧାନ ଅମଲାପଡ଼ାଠାରେ ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ ଏବଂ ଅନୁଗୁଳ ସରକାରୀ ପଲିଟେକ୍ନିକ୍ କ୍ୟାମ୍ପସ୍‌ରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀ ନିବାସର ଉଦ୍‌ଘାଟନ କରିଛନ୍ତି ।

## ଆତ୍ମହତ୍ୟା ନିବାରଣ ଦିବସ

ଆତ୍ମହତ୍ୟା ପ୍ରବଣତାଠାରୁ ଲୋକଙ୍କୁ ଦୂରେଇରଖିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ଆତ୍ମହତ୍ୟା ସାମାଜିକ, ଭାବପ୍ରବଣ ଏବଂ ଅର୍ଥନୈତିକ ପରିଣାମର ପ୍ରଭାବ ଭାବେ ବିବେଚନା କରାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଆତ୍ମହତ୍ୟା ନେଇ ଚିନ୍ତାଧାରାରେ ପରିବର୍ତ୍ତନ ।** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସହଭାଗିତାରେ ଗତ ୨୦୦୩ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ଆତ୍ମହତ୍ୟା ସମାଧାନ ନୁହେଁ, ନିରାଶାରେ ଥିବା ଲୋକଙ୍କୁ ଆଶାର ହାତ ବଢ଼ାଇବା ସହିତ ସେମାନଙ୍କ କଥା ଶୁଣିବା ଏବଂ ଜୀବନକୁ ଆଉ ଏକ ସୁଯୋଗ ଦେବା ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ।

ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ବାର୍ତ୍ତାରେ କହିଛନ୍ତି, ଦୃଢ଼ ମାନସିକ ସଚେତନତା, ସହଜରେ ଉପଲବ୍ଧ ସହାୟତା ବ୍ୟବସ୍ଥା ଏବଂ ସମ୍ବେଦନଶୀଳ ସାମାଜିକ ସହଯୋଗ ମାଧ୍ୟମରେ ନିରାଶାର ମୁହୂର୍ତ୍ତରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ।

## ଜନକଲ୍ୟାଣକାରୀ ଯୋଜନା

ବୌଦ୍ଧ ଜିଲ୍ଲାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ଭୂପିନ୍ଦର ସିଂ ପୁନିଆଁ ୩ ଦିନିଆ ଗସ୍ତରେ ଯାଇ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ସମବାୟ ଆଦି ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧଠାରେ ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପ୍ରଦାନ, ସେମାନଙ୍କ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି ଏବଂ ଆଇନଗତ

ସହାୟତା ବ୍ୟବସ୍ଥା ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତିଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ମହିଳାଙ୍କ ବିରୁଦ୍ଧରେ ହେଉଥିବା ଘରୋଇ ହିଂସାକୁ ରୋକିବା, ପୀଡ଼ିତାଙ୍କୁ ଆବଶ୍ୟକ ସୁରକ୍ଷା ଓ ସହାୟତା ପ୍ରଦାନ କରିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବେତଡ଼ା ସରକାରୀ ପଞ୍ଚାୟତ ଉଚ୍ଚବିଦ୍ୟାଳୟଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଧାୟକ ଅଶୋକ ଦାସ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ପଞ୍ଚାୟତରେ ୩ଶହରୁ ଅଧିକ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

## ଆଇନ ସେବା ପ୍ରାଧିକରଣ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଚାନ୍ଦିମାଳ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଏସିଡ ପୀଡ଼ିତାଙ୍କ ପାଇଁ ଆଇନସେବା ଯୋଜନା ଓ କ୍ଷତିପୂରଣ ପ୍ରଦାନ ସଂପର୍କିତ ସଚେତନତା

ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଯୋଗଦେଇ ଏସିଡ ପୀଡ଼ିତାଙ୍କ ପାଇଁ ଆଇନର ବିଭିନ୍ନ ଦିଗ, ସରକାରୀ ସହାୟତା, ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡବିଧାନ ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

## ସମୀକ୍ଷା ବୈଠକ

ନୂଆପଡ଼ାଠାରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି । ବୈଠକରେ ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନର ବିଭିନ୍ନ କାର୍ଯ୍ୟକ୍ରମର ବ୍ଲକ୍ ଭିତ୍ତିକ ଅଗ୍ରଗତି, ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ସୁଦୃଢ଼ୀକରଣ,ପ୍ରବାସୀ ଶ୍ରମିକଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି ସଂପର୍କରେ ସମୀକ୍ଷା କରାଯାଇଥିଲା ।

## ଯୁବ ନେତୃତ୍ୱ ସଂଳାପ

ରାଜ୍ୟର ଯୁବପିଢ଼ିଙ୍କ ନେତୃତ୍ୱ, ସୃଜନଶୀଳତା ଓ ନବସୃଜନକୁ ଜାତୀୟ ସ୍ତରରେ ନୂତନ ପରିଚୟ ଦେବା ଉଦ୍ଦେଶ୍ୟରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ୨୦୨୭ର ଶୁଭାରମ୍ଭ ହୋଇଯାଇଛି । କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନ ମାଧ୍ୟମରେ ଯୁବକମାନଙ୍କୁ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପ୍ରତି ନିଜର ଚିନ୍ତାଧାରା ଓ ଅବଦାନ

ଉପସ୍ଥାପନ କରିବାର ସୁଯୋଗ ମିଳିବ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଏହି ସଂଳାପ ହେଉଛି ରାଜ୍ୟ ଓ ଦେଶର ଆଗାମୀ ଯୁବନେତାମାନଙ୍କ ପାଇଁ ଖେଳପଡ଼ିଆରୁ ସଂସଦ ଏବଂ ଶ୍ରେଣୀଗୃହରୁ ବୋର୍ଡରୁମ୍ ପର୍ଯ୍ୟନ୍ତ ପହଞ୍ଚିବାର ଏକ ଦକ୍ଷ ମଞ୍ଚ । ଏହି ଅଭିଯାନକୁ ଅଧିକ ସଫଳ କରିବା ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ମାଇଁ ଭାରତ ଏବଂ ଏନ୍‌ଏସ୍‌ଏସ୍ ସହିତ ସହବନ୍ଧିତା କରୁଛି । ପ୍ରଥମ ପର୍ଯ୍ୟାୟ ବିକଶିତ ଭାରତ କୁଇଜ୍ ପ୍ରତିଯୋଗିତା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । କୃତି ଯୁବକମାନେ ୫ଶହ ଶବ୍ଦର ନିବନ୍ଧ ପ୍ରତିଯୋଗିତାରେ ଭାଗ ନେବେ । ପରେ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ବିକଶିତ ଭାରତ ଚ୍ୟାଲେଞ୍ଜ, କଲ୍‌ଚରାଲ୍ ଟ୍ରାକ୍, ଡିଜାଇନ୍ ଫର୍ ଭାରତ, ହ୍ୟାକ୍ ଫର ସୋସିଆଲ୍ କଜ୍, ଯୁଥ୍ ଏଣ୍ଟରପ୍ରିନରସିପ୍ ଚ୍ୟାଲେଞ୍ଜ ଏବଂ ଯୁଥ୍ ପାର୍ଲାମେଣ୍ଟ ଭଳି ୬ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି ।

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଏଥିସହିତ ୨୭ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ପ୍ରତିକ୍ରିୟାରେ କହିଛନ୍ତି :

**- V/O -**

ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ସ୍କୁଲ୍‌କୁ ଆଜି ପାଇଁ ଛୁଟି ଘୋଷଣା କରାଯାଇଛି ।